# Akashvani, Sambalpur

## SAMBALPURI NEWS BULLETIN

### 25 November 2025 – 6.47- 6.52 am.

*********************************************

ରାଜ୍ୟସ୍ତରୀୟ ନିଯୁକ୍ତି ମେଳା I&PR

ଭୁବ୍‌ନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍ ଉପର୍‌ବେଳା ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ଆଉ ପ୍ରଶିକ୍ଷଣ କାର୍ଯ୍ୟକ୍ରମ-୨୦୨୫ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ୧୨ ଟା ବିଭାଗ୍‌ର ୭ ହଜାର୍ ୨ ଶହ ୯୩ ଝନ୍ ନୂଆଁକରି ନିଯୁକ୍ତି ପାଇଥିବା ଯୁଆନ୍ ପିଲାଟୁକେଲ୍ ମାନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ବେ । ଇ ଅବ୍‌ସରେ ସେମାନ୍‌କୁ ପ୍ରଶିକ୍ଷଣ୍ ଭିଲ୍ ଦିଆଯିବା ।

ରାଜ୍ୟ କେବିନେଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ରାଜ୍ୟ କେବିନେଟ୍‌ର ୩୧ ନମ୍ବର୍ ବୈଠକ୍‌ଥି ୧୦ ହଜାର୍ କୋଟି ଟଙ୍କାର୍ ଅତିରିକ୍ତ ବଜେଟ୍ ଚିଠା ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ । ବୈଠକ୍‌ଥି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍

ଅଭିଯୋଗ୍ ବିଭାଗ୍ ତର୍ଫୁ ଆଗତ୍ ୩ ଟା ପ୍ରସ୍ତାବ୍ ଉପ୍ରେ ଆଲୋଚନା କରାଯାଇକରି ଅନୁମୋଦନ୍ କରାଯାଇଛେ ।

ବୈଠକ୍‌ର ସୂଚ୍‌ନା ଅନ୍‌ସାରେ 'ଖ' ଆଉ 'ଗ' ବର୍ଗର୍ ସ୍ୱତନ୍ତ୍ର ସେବା ଆଉ ପଦ୍‌ବୀ ଥି ନିଯୁକ୍ତି ଲାଗି ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୦ର ସଂଶୋଧନ୍ ପ୍ରସ୍ତାବ ଆଉ ଉଚ୍ଚମାଧ୍ୟମିକ କି ସମାନ୍ ସ୍ତର୍ ଅଧୀନ୍‌ଥି ସ୍ୱତନ୍ତ୍ର ସେବା ଆଉ ପଦ୍‌ବୀ ଲାଗି ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨ର ଭିଲ୍ ସଂଶୋଧନ୍ କରାଯାଇଛେ ବଲି ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସୁରେନ୍ଦ୍ର କୁମାର୍ ସୂଚ୍‌ନା ଦେଇଛନ୍ ।

ଧାନ୍ ଘିନା ହି.ସ.

ରାଏଜେ ଆଏଜ୍‌ଠାନୁ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେବା । ଚାଷୀମାନ୍‌କର୍ ଲାଗି ମଣ୍ଡି ମାନ୍‌କେ ଇଥର ଖାସ୍ ବ୍ୟବସ୍ଥା କରାଯାଇଛେ । ଠିକ୍ ସମିଆଥି ଗାଡ଼ି ପୁହୁଁଚାବାର୍ ଲାଗି ମିଲ୍ ମାଲିକ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯିବାର୍ ସହେତେ ଧାନ୍ ଘିନା ଉପ୍ରେ ନଜର୍ ରଖିବାର୍‌କେ ଅଧିକାରୀମାନ୍‌କୁ ପରାମର୍ଶ ଦିଆଯାଇଛେ । କଟ୍‌ନୀ ଛଟ୍‌ନୀ ଉପ୍ରେ ସର୍କାର୍ ନଜର୍ ରଖିଛନ୍ ବଲି ବିଭାଗ୍ ତର୍ଫୁ କୁହାଯାଇଛେ । ଇଥର ଧାନ୍ ବିକ୍ରି ଲାଗି ୧୯ ଲାଖ୍ ୬୮ ହଜାର୍ ଚାଷୀ ନାଁ ପଞ୍ଜିକରଣ୍

କରିଛନ୍ । ଇ ବଛର୍ ଦୁହି ଋତୁଥି ରାଏଜେ ୯୩ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍‌ବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଜନାପଡ଼ିଛେ ।

ତୀର୍ଥଯାତ୍ରୀ ଟ୍ରେନ I&PR

ବରିଷ୍ଠ ତୀର୍ଥଯାତ୍ରା ଯୋଜ୍‌ନାଥି ୨୦୨୫ -୨୬ ଆର୍ଥିକ୍ ବଛ୍‌ରର୍ ୨ ନମ୍ବର୍ ଖେପେ ଆଏଜ୍ ୭ ଶହ ୭୫ ଟନ୍ ବରିଷ୍ଠ ନାଗରିକ ଉଜ୍ଜୟିନୀ-ଓମ୍‌କାରେଶ୍ୱର୍ ଯାତ୍ରା କର୍‌ବେ । ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍ ନ ଟ୍ରେନ୍ ଜରିଏ ତୀର୍ଥଯାତ୍ରୀମାନେ ଯିବେ । ତୀର୍ଥଯାତ୍ରୀ ଟ୍ରେନ୍‌କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ଶକ୍ତିବିଭାଗ୍- ରାଜିନାମା I&PR

ରାଏଜେ ଶକ୍ତି ପରିବର୍ତନ୍, ଗ୍ରୀଡ୍ ଆଧୁନିକ୍‌କରଣ୍ ଆଉ ଅକ୍ଷୟଶକ୍ତି ଭିତିକ୍ ଜୀବିକାକେ ତହଁକାବାର୍ ଲାଗି ଓଡ଼ିଶା ସର୍‌କାର୍ ଆଉ ଗ୍ଲୋବାଲ୍ ଏନର୍ଜି ଏଲାଏନ୍ସ ଫର୍ ପିପୁଲ୍ ଏଣ୍ଡ ପ୍ଲାନେଟ୍ ସଂସ୍ଥା ଭିତ୍‌ରେ ଗଲାକାଏଲ୍ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଇ ବୁଝାମଣାପତ୍ର

ରାଏଜେ ଗୁଟେ ସ୍ଥିର୍, ସମାନ୍ ଆଉ ନିବେଶ୍ ଲାଗି ପ୍ରସ୍ତୁତ୍ ସ୍ୱଚ୍ଛ ଶକ୍ତି ଭବିଷ୍ୟତ୍ ଦିଗ୍କେ ଓଡ଼ିଶାର୍ ଯାତ୍ରାକେ ତୁର୍ତି କର୍ବା ବଲି କହିଛନ୍ ।

ଏକତା ପଦଯାତ୍ରା          ସମ୍ବଲପୁର ସମ୍ବାଦଦାତା

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍ଙ୍କର୍ ଶହେ ୫୦ ତମ ଜୟନ୍ତୀ ପାଲନ୍ ଅବ୍ସରେ ସମ୍ବଲ୍ପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଆଏଜ୍ ଗୁଟେ ଏକତା ପଦଯାତ୍ରାର୍ ଆୟୋଜନ୍ କରାଯାଉଛେ । ପଦଯାତ୍ରା ସଖାଲର୍ ୮ ବଜେ ରିଜର୍ଭ ପୁଲିସ୍ ପଡ଼ିଆନୁ ବାହାରିକରି ସର୍କାରୀ ମହିଳା ମହାବିଦ୍ୟାଲୟ ତକ୍ ଯିବା । ପଦଯାତ୍ରାଥି କେନ୍ଦ୍ରଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଉ ଅଲ୍ଗା ମନ୍ତ୍ରୀ, ବିଧାୟକ୍, ପ୍ରଶାସନିକ୍ ଅଧିକାରୀ, କଲେଜ୍ ଆଉ ସ୍କୁଲ୍ ଛାତ୍ରଛାତ୍ରୀମାନେ ସାମିଲ୍ ହେବେ ।

ଯୁକ୍ତ ୨- ଫର୍ମ ପୂରଣ          ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ଫେବୃଆରୀ ନୁ ହେବାର୍କେ ଥିବା ଉଚ୍ଚମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ୨ ଶ୍ରେଣୀ ପରୀକ୍ଷା ଲାଗି ଫର୍ମ ପୂରଣ୍ ପ୍ରକ୍ରିୟା ଶେଷ୍ ହେଇଛେ । ଇଥର ରେଗୁଲାର୍ ଆଉ ଏକ୍ସରେଗୁଲାର୍ ମିଶେଇକରି ମୋଟ୍

୩ ଲାଖ୍ ୯୮ ହଜାର୍ ୫ ଶହ ୮୨ ଝନ୍ ଛାତ୍ରଛାତ୍ରୀ ଫର୍ମ ପୂରଣ୍ କରିଛନ୍ ବଲି ବୋର୍ଡ଼ ତର୍ଫୁ ସୂଚ୍ନା ଦିଆଯାଇଛେ । ଛାତ୍ରଛାତ୍ରୀମାନ୍କର୍ ଅନୁରୋଧ୍ ଲାଗି ଫର୍ମ ପୂରଣ୍ ସମିଆ ଆହୁରି ୪ ଦିନ୍ ବଢ଼ିପାରେ ବଲି ଜନାପଡ଼ିଛେ ।

ଧନୁଯାତ୍ରା- ଶୁଭସ୍ତମ୍ଭ ଆର୍ଏନ୍ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ବର୍ଗଡ଼୍ ଧନୁଯାତ୍ରା ଲାଗି ଗଲାକାଏଲ୍ ସଞ୍ଜ୍‌ବେଲେ ଶୁଭସ୍ତମ୍ଭ ଥାପ୍ନା କରାଯାଇଛେ । ଇ ଅବ୍‌ସରେ ସମଲେଇ ମନ୍ଦିର୍‌ନୁ ଗୁଟେ ଶୋଭାଯାତ୍ରା ବାହାରିକରି ହାଟ୍‌ପଦା ସଂଚାର୍ ମଣ୍ଡଲୀ ତକ୍ ଯାଇଥିଲା । ଇ ଅବ୍‌ସରେ ଧନୁଯାତ୍ରା ମହୋତ୍ସବ୍ ସମିତିର୍ ଅଧ୍ୟକ୍ଷ ଆଉ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଆଉ ସମିତିର୍ କର୍ମକତା ଉପସ୍ଥିତ୍ ଥିଲେ । ସୂଚ୍ନା ଅନ୍‌ସାରେ ଆଏବା ମାସର ୨୪ ତାରିଖ୍‌ନୁ ଧନୁଯାତ୍ରା ମୁଲ୍ ହେବା ।

ଖରିଫ୍ ଧାନ୍ ଘିନା ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ନ ଆଏବା ମାସ ୫ ତାରିଖ୍‌ନୁ ଖରିଫ୍ ଧାନ୍ ଘିନା ମୁଲ୍ ହେବା । ଇ ବାବ୍‌ଦେ ଗଲାକାଏଲ୍ ହେଇଥିବା ଜିଲ୍ଲାସ୍ତରୀୟ ଧାନ୍ ସଂଗ୍ରହ କମିଟି ବୈଠକ୍‌ଥି ଧାରିଜ୍ କରାଯାଇଛେ । ବୈଠକ୍‌ର ସୂଚ୍ନା ଅନ୍‌ସାରେ

ଇଥର ଜିଲ୍ଲା ନ ୨ ଲାଖ୍ ୪୬ ହଜାର୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ଶହେ ୫୮ ଟା ପେକ୍ସ ଆଉ ୧୮ ଟା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ଧାନ୍ ଘିନା ହେବା ।

ପ୍ରଧାନ୍‌ପାଟ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ   ଦେବ୍‌ଗଡ୍ ସମ୍ୱାଦଦାତା

ଦେବ୍‌ଗଡ୍ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ନ ପ୍ରଧାନ୍‌ପାଟ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଘାଟିତ୍ ହେଇଯାଇଛେ । ଗଲାକାଏଲ୍ ଦେବ୍‌ଗଡ୍ ପ୍ରଧାନ୍‌ପାଟ୍ କ୍ଲବ୍ ଦଲ୍ ଆଉ ସମ୍ୱଲ୍‌ପୁର୍ ଏକାଡେମୀ ଦଲ୍ ଭିତ୍‌ରେ ଖେଲ୍ ହେଇଥିଲା । ଇଥି ସମ୍ୱଲ୍‌ପୁର୍ ଦଲ୍ -ଦେବ୍‌ଗଡ୍‌କେ ୧-ଶୂନ୍ ଗୋଲ୍‌ଥି ହରେଇଛେ ।

ଶ୍ରମ ସଂହିତା          ପିଆଇବି

ଦେଶର୍ ଶ୍ରମ ଆଇନ୍‌କେ ଅଏତ୍‌କା ସହଜ୍ ଆଉ ସରଲ୍ କର୍‌ବାର୍ ଲକ୍ଷ୍ୟଥି କେନ୍ଦ୍ର ସର୍‌କାର୍ ୪ ଟା ନୂଆଁ ଶ୍ରମ ସଂହିତା ଲାଗୁ କରିଛନ୍ । ନୂଆଁ ସଂହିତା ଅନ୍‌ସାରେ ଶ୍ରମିକ୍‌ମାନ୍‌କର୍ ଲାଗି ଗୁଟେ ବୈଧାନିକ୍ ମଜୁରୀ ବ୍ୟବସ୍ଥାର୍ ପ୍ରଚଲନ୍ କରାଯାଇଛେ । କେନ୍‌ସି ରାଜ୍ୟ ସର୍‌କାର୍ ଅଧିସୂଚିତ ସର୍ବନିମ୍ନ ମଜୁରୀ ପାରିଶ୍ରମିକ୍ ଠାନୁ କମ୍ ଦେଇ ନାଇଁପାରନ୍ ।

ଲିଙ୍ଗଭିତିଥି ସମାନ୍ କାମ୍ ଲାଗି ସମାନ୍ ମଜୁରୀ ଦିଆଯିବା । ପହେଲାକରି ଅପରାଧ୍ ଲାଗି ଫୌଜଦାରୀ ଦଣ୍ଡକେ ଦେଓ୍ୱାନୀ ଦଣ୍ଡ ସହେତେ ବଦ୍‌ଲା ଯିବାର୍‌ନୁ ଇ ଆଇନ୍‌ର ଅଏତ୍‌କା ଅନୁପାଲନ୍ କରାଯାଇପାର୍‌ବା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ନ ହେଇଥିବା ଲଘୁଚାପ୍ କ୍ଷେତ୍ର ଆଏଜ୍ ଅବପାତ୍‌ଥି ବଦ୍‌ଲିବା । ଆଏବା ୩୬ ଘଂଟା ଭିତ୍‌ରେ ଇଟା ପଶ୍ଚିମ-ଉତର୍-ପଶ୍ଚିମ ଦିଗେ ଯାଇକରି ଦକ୍ଷିଣ ବଙ୍ଗୋପ୍‌ସାଗର୍ ନ ବାତ୍ୟା ର ରୂପ୍ ନେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷାର୍ ସମ୍ଭାବନା ରହିଛେ ।